## ସଂକ୍ଷେପରେ

### ପୋଖରୀରୁ ନାବାଳକଙ୍କ ମୃତଦେହ ଜବତ

**ବ୍ରହ୍ମପୁର ଅଫିସ,୨୩।୮:** ବ୍ରହ୍ମପୁର ସଦର ଥାନା ପୋଲିସ ସୋମବାର ଜଣେ ନାବାଳକଙ୍କ ମୃତଦେହ ଏକ ପୋଖରୀରୁ ଜବତ କରିଛି। ମୃତକ ଜଣଙ୍କ ବଉଲଝୋଳି ଗ୍ରାମର ରାଜେନ୍ଦ୍ର ବିଷୋୟୀଙ୍କ ପୁଅ ଶ୍ରୀଧର(୧୫)। ଏନେଇ ପୋଲିସ ୪୨/୨୧ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ବ୍ୟବଚ୍ଛେଦ ପାଇଁ ପଠାଇଛି। ପୋଖରୀରେ ବୁଡିଯାଇ ନାବାଳକ ଜଣଙ୍କ ଶ୍ୱାସରୁଦ୍ଧ ହୋଇ ମୃତ୍ୟୁ ଘଟିଥିବା ପୋଲିସ ପ୍ରାଥମିକ ତଦନ୍ତରୁ ସନ୍ଦେହ କରୁଛି। ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି। ରବିବାର ରାଖୀ ପୂର୍ଣ୍ଣିମା ଥିବାବେଳେ ଶ୍ରୀଧରଙ୍କୁ ମଧ ତାଙ୍କ ଭଉଣୀ ରାଖୀ ପିନ୍ଧାଇ ଥିଲେ। ଅପରାହ୍ନରେ ସେ ତାଙ୍କର କେତେକ ସାଙ୍ଗଙ୍କ ସହ ଖେଳିବାକୁ ଯାଇଥିଲେ। ସନ୍ଧ୍ୟା ସୁଦ୍ଧା ସେ ଘରକୁ ଫେରି ନ ଥିଲେ। ଘର ଲୋକ ତାଙ୍କୁ ଖୋଜାଖୋଜି କରିଥିଲେ, କିନ୍ତୁ ପାଇ ନ ଥିଲେ। ସୋମବାର ସକାଳେ ଗାଁ ମୁଣ୍ଡରେ ଥିବା ପୋଖରୀରେ ଏକ ମୃତଦେହ ଭାସୁଥିବା ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ।

### ୨.୪୫ କୁଇଣ୍ଟାଲ ଗଞ୍ଜେଇ ଜବତ, ୫ ଗିରଫ

**ଫୁଲବାଣୀ ଅଫିସ, ୨୩।୮:** ଫିରିଙ୍ଗିଆ ଓ ଗୋଛାପଡ଼ା ଥାନା ପୋଲିସ ପୃଥକ ଭାବେ ଚଢ଼ାଉ କରି ୧ କୁଇଣ୍ଟାଲ ୪୫ କେଜି ଗଞ୍ଜେଇ ଜବତ କରିବା ସହ ୫ ଜଣଙ୍କୁ ଗିରଫ କରିଛି। ଫିରିଙ୍ଗିଆ ପୋଲିସ ଭୁଞ୍ଜିଯୋଡି ପଞ୍ଚାୟତ କଡୁରାହା ଅଞ୍ଚଳରେ ଚଢ଼ାଉ କରି ୨ କୁଇଣ୍ଟାଲ ୨ କେଜି ଗଞ୍ଜେଇ ଜବତ କରିଥିଲା। ଏହି ଘଟଣାରେ ୩ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ କଡୁରାହା ଗ୍ରାମର ଥମାସ ଦିଗାଲ ଓ କଳଙ୍ଗା ଦିଗାଳ, ମାହାଲିଙ୍ଗିଆ ଗାଁର ନିଳାମ୍ବର କହଁର। ଗଞ୍ଜେଇ ବାହାରକୁ ଚାଲାଣ ହେବାକୁ ଥିବା ସମ୍ପର୍କରେ ପୋଲିସକୁ ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଥିଲା। ଥାନାଧିକାରୀ ପି.ଶ୍ୟାମସୁନ୍ଦର ରାଓଙ୍କ ନେତୃତ୍ୱରେ ଏକ ଟିମ୍ ଉକ୍ତ ଗ୍ରାମକୁ ଯାଇ ଚଢ଼ାଉ କରିଥିଲା। ଏ ନେଇ ଥାନାରେ ନଂ.୯୮/୨୧ରେ ମାମଲା ରୁଜୁ ହୋଇଛି। ସେହିପରି, ଗୋଛାପଡ଼ା ପୋଲିସ ପାଟ୍ରୋଲିଂ କରିବା ବେଳେ ବନ୍ଧୁଲି ଛକଠାରୁ ଏକ କାରରୁ ୪୩ କେଜି ଗଞ୍ଜେଇ ଜବତ କରିଥିଲା। ଏହି ଘଟଣାରେ ବଲାଙ୍ଗୀରର ବିକାଶ ନାଗ ଓ ଭୁବନେ୍ର ସାହୁଙ୍କୁ ଗିରଫ କରାଯାଇଛି। ଏ ନେଇ ନଂ. ୬୬/୨୧ରେ ମାମଲା ରୁଜୁ ହୋଇଛି।

### ସ୍ୱାସ୍ଥ୍ୟ ଶିବିର



**ବ୍ରହ୍ମପୁର ଅଫିସ,୨୩।୮:** ବ୍ରହ୍ମପୁର ହରିହରନଗରସ୍ଥିତ ହରିହର ଭେଟ ମନ୍ଦିର ପ୍ରାଙ୍ଗଣରେ ସୋମବାର ଏକ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭରଦ୍ୱାଜ ବହୁମୁଖୀ ପ୍ରତିଷ୍ଠାନ ଅଧକ୍ଷ ଡା.ନକୁଳ ସାହୁଙ୍କ ସହାୟତାରେ ରକ୍ତଚାପ, ମଧୁମେହ, ଗଣ୍ଠିବାତ, ଅମ୍ଳପିତ୍ତ ଆଦି ରୋଗୀଙ୍କୁ ପରୀକ୍ଷା କରାଯାଇଥିଲା। ଏଥିସହ ଔଷଧ ଦିଆ ଯାଇଥିଲା। ମାସର ପ୍ରତ୍ୟେକ ସୋମବାର ଏଭଳି ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯାଉଥିବା ଡା.ସାହୁ କହିଛନ୍ତି। ଅନ୍ୟମାନଙ୍କ ମଧରେ ହରିହର ଭେଟ ମନ୍ଦିର କମିଟିର ଗଣେଶ ପରିଚ୍ଛା, ଦୁର୍ଗା ପରିଚ୍ଛା ଓ ଭଗବାନ ପରିଚ୍ଛାଙ୍କ ସମେତ କମିଟିର ବହୁ ସଦସ୍ୟ ଉପସ୍ଥିତ ଥିଲେ।

# ଅନୁଭୂତି ବଖାଣିଲେ ଛାତ୍ରୀଛାତ୍ର

**ହିଞ୍ଜିଳିକାଟୁ/ଶେରଗଡ଼, ୨୩।୮(ଡ଼ି.ଏନ୍.ଏ)**



ବୃନ୍ଦାବନ ନାୟକ ସ୍ମୃତି ବିଦ୍ୟାପୀଠରେ ଜିଲାପାଳ ଓ ୨ ବିଧାୟକ।


ଶେରଗଡ଼ରେ ବିଧାୟକମାନଙ୍କୁ ସ୍ୱାଗତ କରାଯାଉଛି।

ହିଞ୍ଜିଳିକାଟୁ ଓ ଶେରଗଡ଼ ବ୍ଲକରେ ଦ୍ୱିତୀୟ ପର୍ଯ୍ୟାୟରେ ଆଉ ୧୦ ରୂପାନ୍ତରିତ ହାଇସ୍କୁଲକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ଭିଡିଓ କନ୍‌ଫରେନ୍ସରେ ଉଦଘାଟନ କରିଛନ୍ତି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ରାଜ୍ୟ ବିଧାନସଭାର ୨୨ ବିଧାୟକ ଯୋଗ ଦେଇଥିଲେ। ସେମାନଙ୍କ ମଧ୍ୟରୁ ୧୦ ଜଣ ଶେରଗଡ଼ ଓ ୧୨ ଜଣ ହିଞ୍ଜିଳିକାଟୁ ବ୍ଲକକୁ ଆସିଥିଲେ। ପ୍ରଥମେ ହିଞ୍ଜିଳିକାଟୁ ବ୍ଲକ ଶାସନଆମ୍ବଗାଁ ବୃନ୍ଦାବନ ନାୟକ ସ୍ମୃତି ବିଦ୍ୟାପୀଠରୁ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ସ୍ୱାଗତ ଭାଷଣ ଦେଇଥିଲେ। ଶାସନ ଆମ୍ବଗାଁ ସ୍କୁଲର ଛାତ୍ରୀ ମୀରା ସ୍ୱାଇଁ ସ୍କୁଲ ରୂପାନ୍ତରୀକରଣ ନେଇ ନିଜ ଅନୁଭୂତି ପ୍ରକାଶ କରିଥିଲେ। ମୁଖ୍ୟମନ୍ତ୍ରୀ ତାହାକୁ ପ୍ରଶଂସା କରିଥିଲେ। ସେଠାରେ ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ, ପାରଦୀପ ବିଧାୟକ ସମ୍ବିତ ରାଉତରାୟ ଓ ମନ୍ତ୍ରୀ ନବକିଶୋର ଦାଶ ଉପସ୍ଥିତ ଥିଲେ। ସେମାନେ ସ୍କୁଲ ରୂପାନ୍ତରୀକରଣ ଲାଗି ମୁଖ୍ୟମନ୍ତ୍ରୀ ଓ ୫-ଟି ସଚିବଙ୍କୁ ପ୍ରଶଂସା କରିଥିଲେ। କ୍ରମାନ୍ୱୟରେ ୨ୟରେ ଶେରଗଡ଼ ବ୍ଲକ କୁମାରପାଣି ହାଇସ୍କୁଲରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଛାତ୍ରୀ ତୃପ୍ତିମୟୀ ମହାରଣା ନିଜ ଅନୁଭୂତି ପ୍ରକାଶ କରିଥିଲେ। ସେଠାରେ ତାଳଚେର ବିଧାୟକ ବ୍ରଜ କିଶୋର ପ୍ରଧାନ, ସୂଚନା ଓ ଲୋକ ସମ୍ପର୍କ ମନ୍ତ୍ରୀ ରଘୁନନ୍ଦନ ଦାଶ ଉପସ୍ଥିତ ଥିଲେ। ହିଞ୍ଜିଳିକାଟୁ ସରକାରୀ ୟୁଜି ହାଇସ୍କୁଲ, ସାପୁଆପଲୀରେ ପ୍ରଧାନଶିକ୍ଷକ ବି. ନିରଞ୍ଜନ ପାତ୍ର ଅନୁଭୂତି ପ୍ରକାଶ କରିଥିଲେ। ସେଠାରେ କବିସୂର୍ଯ୍ୟନଗର ବିଧାୟିକା ଲତିକା ପ୍ରଧାନ ଓ ନିଆଳି ବିଧାୟକ ପ୍ରମୋଦ କୁମାର ମଲ୍ଲିକ ଯୋଗ ଦେଇ ମନ୍ତବ୍ୟ ରଖିଥିଲେ। ଶେରଗଡ଼ ବ୍ଲକ ଲାଞ୍ଜିଆପଲ୍ଲୀ ଉଚ୍ଚ ବିଦ୍ୟାଳୟରେ ଛାତ୍ର ଶଙ୍କର ଜେନା

### ରୂପାନ୍ତରିତ ହାଇସ୍କୁଲ ଦ୍ୱିତୀୟ ପର୍ଯ୍ୟାୟ ଉଦ୍‌ଘାଟନ

ଅନୁଭୂତି ପ୍ରକାଶ କରିଥିଲେ। ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ଓ ଜଗତସିଂପୁର ବିଧାୟକ ପ୍ରଶାନ୍ତ କୁମାର ମୁଦୁଲି ଉପସ୍ଥିତ ଥିଲେ। ହିଞ୍ଜିଳିକାଟୁର ସାହାପୁର ହାଇସ୍କୁଲରେ ଛାତ୍ରୀ ସ୍ମୃତିମୟୀ ପ୍ରଧାନ ଅନୁଭୂତି ପ୍ରକଶ କରିଥିବା ବେଳେ ସେଠାରେ କେନ୍ଦ୍ରପଡ଼ା ବିଧାୟକ ଶଶିଭୂଷଣ ବେହେରା, ବଡ଼ମ୍ବା ବିଧାୟକ ଦେବୀ ପ୍ରସାଦ ମିଶ୍ର ଉପସ୍ଥିତ ଥିଲେ। ସେହିପରି କରଡ଼ାକଣା ହାଇସ୍କୁଲରେ ଖଲ୍ଲିକୋଟ ବିଧାୟିକା ସୂର୍ଯ୍ୟମଣୀ ବୈଦ୍ୟ, ରାଜନଗର ବିଧାୟକ ଧ୍ରୁବ ଚରଣ ସାହୁ ଓ ମନ୍ତ୍ରୀ ପ୍ରତାପ ଜେନା ଯୋଗଦେଇ ସ୍ମାର୍ଟ ସ୍କୁଲ ସମ୍ପର୍କରେ ମନ୍ତବ୍ୟ ଦେଇଥିଲେ। ଭଗବତୀ ବିଦ୍ୟାପୀଠ ବୁରୁପୋଡ଼ାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଛାତ୍ରୀ ରେଶମା ଦାଶ ଅନୁଭୂତି ପ୍ରକଶ କରିଥିଲେ। ବ୍ରଜରାଜନଗର ବିଧାୟକ କିଶୋର କୁମାର ମହାନ୍ତି, ମନ୍ତ୍ରୀ ଅଶୋକ କୁମାର ପଣ୍ଡା ଯୋଗ ଦେଇଥିଲେ। ତାକରଡ଼ା ହାଇସ୍କୁଲରେ ଛାତ୍ରୀ ସୁଇଟି ତ୍ରିପାଠୀ ଅନୁଭୂତି ଜଣାଇଥିଲେ। ଚୌଦ୍ୱାର ବିଧାୟକ ସୌଭିକ ବିଶ୍ୱାଳ, ପାଲଲହଡ଼ା ବିଧାୟକ ମୁକେଶ କୁମାର ପାଲ ଉପସ୍ଥିତ ଥିଲେ। ଜେସିସି ହାଇସ୍କୁଲଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଛାତ୍ର ରୁଦ୍ରନାରାୟଣ ଶତପଥୀ ଅନୁଭୂତି କହିଥିଲେ। ତିର୍ତ୍ତୋଲ ବିଧାୟକ ବିଜୟ ଶଙ୍କର ଦାସ, ମନ୍ତ୍ରୀ ନିରଞ୍ଜନ ପୂଜାରୀ ଉପସ୍ଥିତ ଥିଲେ। ଶେଷରେ କୁଳାଗଡ଼ ମା' କାଳୀ ହାଇସ୍କୁଲରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଛାତ୍ରୀ ପାୟଲ ଗୌଡ଼ ସ୍ମାର୍ଟ ସ୍କୁଲରେ ପ୍ରଥମ ଦିନର ଅନୁଭୂତି ସ କହିଥିଲେ। ସେଠାରେ ଛେଣ୍ଡିପଦା ବିଧାୟିକ ସୁଶାନ୍ତ କୁମାର ବେହେରା, ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଉପସ୍ଥିତ ଥିଲେ। ଶେରଗଡ ଚାରିଛକରେ ୧୦ ବିଧାୟକଙ୍କୁ ବ୍ଲକ ବିଜେଡି ପକ୍ଷରୁ ସ୍ୱାଗତ କରାଯାଇଥିଲା। ମୁଖ୍ୟମନ୍ତ୍ରୀଙ୍କ ଏଭଳି ପଦକ୍ଷେପକୁ ଉଚ୍ଚ ପ୍ରଶଂସା କରିଥିଲେ। ଶେରଗଡ଼ର ବିଭିନ୍ନ ସ୍ମାର୍ଟ ସ୍କୁଲ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଡିଆର୍‌ଡିଏ ପିଡି ସିନ୍ଧେ ଦତ୍ତାତ୍ରେୟ ଭାଉ ସାହେବ, ବ୍ରହ୍ମପୁର ମହାନଗର ନିଗମ କମିଶନର ସିଦ୍ଧେଶ୍ୱର ବଳିରାମ ବନ୍ଧାରେ, ବିଡିଓ ଶମ୍ଭୁନାଥ ନନ୍ଦି ,ପୋଲସରା ବିଡିଓ ସୁରଞ୍ଜନ କୁମାର ସାହୁ , ବ୍ଲକ ବିଜେଡି ସଭାପତି ଶରତ ଚନ୍ଦ୍ର ପାତ୍ରଙ୍କ ସମେତ ସନ୍ତୋଷ କୁମାର ପଟ୍ଟନାୟକ, ହୃଷିକେଶ ପାଢ଼ୀ, ହୀନ ବେହେରା, ଚିତ୍ତରଞ୍ଜନ ପାଣିଗ୍ରାହୀ, ସମୀର ପ୍ରଧାନ , ଉଦୟନାଥ ପ୍ରଧାନ, କାମେଶ୍ୱର ଗୌଡ଼, ବିପିନ ବିହାରୀ ପାତ୍ର, ମକରା ସ୍ୱାଇଁ, ନିରଞ୍ଜନ ଜେନା, ପ୍ରଦୀପ କୁମାର ମହାନ୍ତ୍ତ ପ୍ରମୁଖ ଯୋଗ ଦେଇଥିଲେ ।

### ସିଏସ୍‌ଆଇ ଅଫିସ୍ ପରିଦର୍ଶନ କଲେ ଏସ୍‌ପି

**ବ୍ରହ୍ମପୁର ଅଫିସ,୨୩।୮**

ବ୍ରହ୍ମପୁର ଏସ୍‌ଡିଜେଏମ୍‌ଙ୍କ କୋର୍ଟ ପାର୍ଶ୍ୱରେ ଥିବା କୋର୍ଟ ସବ୍‌ଇନ୍ସପେକ୍ଟର (ସିଏସ୍‌ଆଇ) ଅଫିସ୍ ପରିଦର୍ଶନ କରିଛନ୍ତି ଏସ୍‌ପି ପିନାକ ମିଶ୍ର। ଏସ୍‌ପି ଅଚାନକ ସିଏସ୍‌ଆଇ କୋର୍ଟ ପରିସରରେ ଥିବା ସବ୍ ଇନ୍ସପେକ୍ଟରଙ୍କ ଅଫିସରେ ପହଞ୍ଚିଥିଲେ। ସେ ବିଭିନ୍ନ ପ୍ରସଙ୍ଗ ଉପରେ ଅଧିକାରୀଙ୍କ ସହିତ ଆଲୋଚନା କରିଥିଲେ। ଏସ୍‌ପି ବିଭିନ୍ନ ରେକର୍ଡ ଯାଞ୍ଚ କରିବା ସହିତ ରେଜିଷ୍ଟର ଦେଖିଥିଲେ। ସିଏସ୍‌ଆଇ ଅଫିସଟି ପୁରୁଣା କୋଠାରେ କାର୍ଯ୍ୟକ୍ଷମ ରହିଛି। ସ୍ଥାନ ଅଭାବ ଯୋଗୁ କର୍ମଚାରୀଙ୍କୁ ନାନା ଅସୁବିଧା ହେଉଛି। ଏପରିକି ମୁଦାଲାଙ୍କୁ ରଖିବା ପାଇଁ ଆବଶ୍ୟକ ସ୍ଥାନ ନାହିଁ। ଏଣୁ କର୍ମଚାରୀଙ୍କ ପାଇଁ ଆବଶ୍ୟକ କୋଠରି ଓ ମୁଦାଲାଙ୍କୁ ରଖିବା ପାଇଁ ସ୍ୱତନ୍ତ୍ର କୋଠରି ନିର୍ମାଣ ଦିଗରେ ଆଲୋଚନା କରିଥିଲେ। ସେହିପରି କୋର୍ଟ ପରିସରରେ ଥିବା ହାଜତ ପରିଦର୍ଶନ କରିଥିଲେ। ଏହି ସମୟରେ ସିଏସ୍‌ଆଇ ଅଫିସର ଏସ୍‌ଆଇ ରବିନାରାୟଣ ସାମନ୍ତରା, ଏଏସ୍‌ଆଇ ରାମନାଥ ପାଢ଼ୀ, ଏଏସ୍‌ଆଇ ଏସ୍. ଭୂୟାଁ ଓ ଅନ୍ୟାନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ।

## ଜଙ୍ଗଲ ସୁରକ୍ଷା ସମିତି ଆବାହକଙ୍କୁ ନିଃସର୍ତ୍ତରେ ଖଲାସ ଦାବି

**ବ୍ରହ୍ମପୁର ଅଫିସ,୨୩।୮**



ଆର୍‌ଡିସିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ।

ଉପକୂଳ ଜମି ଓ ଜଙ୍ଗଲ ସୁରକ୍ଷା ସମିତି ଆବାହକଙ୍କୁ ନିଃସର୍ତ୍ତରେ ଖଲାସ ପାଇଁ ବ୍ରହ୍ମପୁରର ବିଭିନ୍ନ ସଂଗଠନ ଦାବି କରିଛନ୍ତି। ଏ ନେଇ ସୋମବାର ଜନ ଅଧିକାର ଆନ୍ଦୋଳନ, ମାନବ ଅଧିକାର ସୁରକ୍ଷା ମଞ୍ଚ, ଅଖିଳ ଭାରତ କ୍ଷେତ ମଜଦୁର କିଷାନ୍ ସଭା, ଭାରତ ମୁକ୍ତି ମୋର୍ଚ୍ଚା, ଜନ ଜାଗରଣ ଅଭିଯାନ ଓ ଅଖିଳ ଭାରତ କ୍ରାନ୍ତିକାରୀ କୃଷକ ସଭା ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦକ୍ଷିଣାଞ୍ଚ ରାଜସ୍ୱ କମିଶନର(ଆର୍‌ଡିସି)ଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ପୁରୀ ଜିଲାର ସିପସରୁବାଲି ଅଞ୍ଚଳର ଜଣେ ପରିବେଶ ସୁରକ୍ଷା କର୍ମୀ ତଥା ଉପକୂଳ ଜମି ଓ ଜଙ୍ଗଲ ସୁରକ୍ଷା ସମିତି ଆବାହକ ବଟକୃଷ୍ଣ ସ୍ୱାଇଁଙ୍କୁ ମିଥ୍ୟା ମକଦ୍ଦମାରେ ପୋଲିସ ଗିରଫ କରିଛି ବୋଲି ସଂଗଠନ ଅଭିଯୋଗ କରିଛି। ପୁରୀ ସିପସରୁବାଲି ମୌଜା ରାଜସ୍ୱ ଜମିରେ ଥିବା ଜଙ୍ଗଲ ଓ ବାଲୁକା ବନ୍ତକୁ ଆବାହକ ବଟକୃଷ୍ଣ ସ୍ୱାଇଁଙ୍କ ନେତୃତ୍ୱରେ ନିକଟସ୍ଥ ଗ୍ରାମବାସୀ ଦୀର୍ଘ ଦିନ ଧରି ସୁରକ୍ଷା ପ୍ରଦାନ କରିଆସୁଛନ୍ତି। କିନ୍ତୁ କିଛି ଜମି ମାଲିକ ଓ ଦଲାଲମାନେ ବଟକୃଷ୍ଣଙ୍କ ନାମରେ ମିଥ୍ୟା କେସ୍ ଦେଇଛନ୍ତି। ପୋଲିସ ଦଲାଲଙ୍କୁ ଗିରଫ କରିବା ପରିବର୍ତ୍ତେ ବଟକୃଷ୍ଣଙ୍କୁ ଗିରଫ କରି ଗଣତାନ୍ତ୍ରିକ ଆନ୍ଦୋଳନକୁ ରୋକିବା ପାଇଁ ପ୍ରୟାସ କରୁଥିବା ବିଭିନ୍ନ ସଂଗଠନ ଅଭିଯୋଗ କରିଛନ୍ତି। ଏଣୁ ପୋଲିସ୍ ବଟକୃଷ୍ଣଙ୍କୁ ନିଃସର୍ତ୍ତରେ ଖଲାସ କରିବା ପାଇଁ ସଂଗଠନ ପକ୍ଷରୁ ଦାବି ହୋଇଛି।

## ୩.୭୦ ଲକ୍ଷ ଜବତ, ଜଣେ ଗିରଫ

### ସ୍କୁଟି ଡିକିରୁ ୪ ଲକ୍ଷ ଲୁଟ୍ ଘଟଣା

**ବ୍ରହ୍ମପୁର ଅଫିସ,୨୩।୮**

ବ୍ରହ୍ମପୁର ବଡ଼ବଜାର ଥାନା ଅନ୍ତର୍ଗତ ଆସିକା ରୋଡ୍ ଆକ୍ସିସ ବ୍ୟାଙ୍କ ନିକଟରୁ ଗତ ୨୦ ତାରିଖରେ ଏକ ସ୍କୁଟି ଡିକିରୁ ୪ ଲକ୍ଷ ଟଙ୍କା ଲୁଟ୍ ଘଟଣାରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଉଛନ୍ତି ଗୋଳନ୍ଥରା ଥାନା ଅନନ୍ତରାୟପୁର ଗ୍ରାମର ଏସ୍.ଦୀନବନ୍ଧୁ ରାଓ ବୋଲି ଏଏସ୍‌ପି ପ୍ରଭାତ ରାଉତରାୟ ସୂଚନା ଦେଇଛନ୍ତି। ମାମଲା ନମ୍ବର ୧୭୩/୨୧ରେ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ପ୍ରକାଶ ଯେ, ଧାନମେରା ସାହିର ଅବସରପ୍ରାପ୍ତ ସରକାରୀ କର୍ମଚାରୀ ବାବୁରାଓ ଘଡ଼େଇ ଗତ ୨୦ ତାରିଖ ଅପରାହ୍ନରେ ତାଙ୍କର ଶାଳକଙ୍କ ସହିତ ଏକ ସ୍କୁଟି (ନଂ ଓଡି୦୭ଆର ୦୬୭୭)ରେ ଷ୍ଟେଟବ୍ୟାଙ୍କ ମୁଖ୍ୟ ଶାଖାକୁ ଯାଇଥିଲେ। ସେଠାରୁ ୪ ଲକ୍ଷ ଟଙ୍କା ଉଠାଇ ସ୍କୁଟି ଡିକିରେ ରଖିଥିଲେ। ସେଠାରୁ ଶ୍ୱାଇଁ-ଶାଳକ ମିଶି ଘରକୁ ଫେରିଥିଲେ। କୌଣସି କାମରେ ଉଭୟେ ଆସିକା ରୋଡ଼ ଆକ୍ସିସ ବ୍ୟାଙ୍କ ନିକଟରେ ଥିବା ଏକ ଦୋକାନକୁ ଯାଇଥିଲେ। ସ୍କୁଟି ରାସ୍ତା କଡ଼ରେ ପାର୍କିଂ କରାଯାଇଥିଲା। ସେମାନେ କିଛି ସମୟ ପରେ ଦୋକାନରୁ ଫେରିଥିଲେ। ଯାଞ୍ଚ କରିବା ପରେ ସ୍କୁଟି ଡିକିରୁ ଟଙ୍କା ଗାଏବ ଥିବା ଜଣାପଡ଼ିଥିଲା। ଏ ନେଇ ବାବୁରାଓ ବଡ଼ବଜାର ଥାନାରେ ଘଟଣା ସମ୍ପର୍କରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଆରମ୍ଭ କରିଥିଲା। ଜବତ ଟଙ୍କା ବାବୁ ରାଓଙ୍କୁ ବ୍ରହ୍ମପୁର ଏସ୍‌ଡିପିଓ ବିଷ୍ଣୁପ୍ରସାଦ ପତି ଓ ଥାନାଧିକାରୀ ପ୍ରଶାନ୍ତ ଭୂପତି ଫେରସ୍ତ କରିଛନ୍ତି।


ଜବତ ଟଙ୍କା ଫେରସ୍ତ କରୁଛନ୍ତି ଏସ୍‌ଡିପିଓ ଓ ଥାନାଧିକାରୀ ।

## ବଢୁଛି ଡେଙ୍ଗୁ, ପୁଣି ଦୁଇ ଚିହ୍ନଟ

**ବ୍ରହ୍ମପୁର ଅଫିସ,୨୩।୮**

### ସଂଖ୍ୟା ୧୮ରେ ପହଞ୍ଚିଲା

ଗଞ୍ଜାମ ଜିଲାରେ ଦିନକୁ ଦିନ ଡେଙ୍ଗୁ କାୟାବିସ୍ତାର କରିବାରେ ଲାଗିଛି। ପୁଣିଥରେ ଦୁଇ ଜଣ ରୋଗୀ ଚିହ୍ନଟ ହୋଇଛନ୍ତି। ଉଭୟଙ୍କ ମଧ୍ୟରୁ ଜଣେ ବ୍ରହ୍ମପୁର ମହାନଗର ନିଗମ (ବିଏମ୍‌ସି) ଓ ଅନ୍ୟଜଣେ କୁକୁଡ଼ାଖଣ୍ଡି ବ୍ଲକର ବୋଲି ଜିଲା ସ୍ୱାସ୍ଥ୍ୟ ବିଭାଗ ସୂତ୍ରରୁ ପ୍ରକାଶ। ବ୍ରହ୍ମପୁର ଗଜପତି ନଗରରେ ରହୁଥିବା ୧୮ ବର୍ଷର ଯୁବକଙ୍କୁ ଜ୍ୱର ଲାଗି ରହିଥିବା ବେଳେ ଗତ ୨୨ ତାରିଖରେ ଡେଙ୍ଗୁ ପରୀକ୍ଷା ପରେ ତାଙ୍କର ନମୁନା ପଜିଟିଭ ଆସିଛି। ସେହିପରି କୁକୁଡ଼ାଖଣ୍ଡି ବ୍ଲକ ଅଧୀନ ଲୋଚପଡା ଗ୍ରାମର ୫୨ବର୍ଷର ଜଣେ ବ୍ୟକ୍ତି ମଧ ଡେଙ୍ଗୁରେ ଆକ୍ରାନ୍ତ ହୋଇଥିବା ସୂଚନା ମିଳିଛି। ଜିଲାରେ ଏଯାବତ ୧୮ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇ ସାରିଲେଣି। ତନ୍ମଧ୍ୟରୁ ବ୍ରହ୍ମପୁରରେ ୮, କୁକୁଡାଖଣ୍ଡି ବ୍ଲକରେ ୨, ସୋରଡ଼ା ବ୍ଲକରେ ୨, ରଙ୍ଗେଇଲୁଣ୍ଡା ବ୍ଲକରେ ୨ ଓ କବିସୂର୍ଯ୍ୟନଗର, ଛତ୍ରପୁର, ଚିକିଟି ଓ ଆସ୍କା ବ୍ଲକରେ ଜଣେ ଲେଖାଏ ରୋଗୀ ଚିହ୍ନଟ ହୋଇଛନ୍ତି। ୨୦୨୦ରେ ଗଞ୍ଜାମ ଜିଲାରେ କେବଳ ୯ଜଣ ରୋଗୀ ଚିହ୍ନଟ ହୋଇଥିଲେ। ଚଳିତ ବର୍ଷ ଏହା ରେକର୍ଡ ଭାଙ୍ଗିଛି। ସେହିପରି ୨୦୧୯ରେ ୩୦୭ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଥିବା ବେଳେ ୨୦୧୮ ରେ ୧୫୫ ଚିହ୍ନଟ ହୋଇଥିଲେ। ସୂଚନାଯୋଗ୍ୟ, ଜିଲାରେ ପ୍ରଥମ ଥର ପାଇଁ ୨୦୧୧ରେ ୭୦ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଥିବା ବେଳେ ୨୦୧୨ରେ ରେକର୍ଡକାଳୀନ ୫୩୩ଜଣ ଚିହ୍ନଟ ହୋଇଥିଲେ। ଜିଲାରେ ଏବେ ଡେଙ୍ଗୁ ଦିନକୁ ଦିନ ବଢ଼ିବାରେ ଲାଗିଛି। ସ୍ଥିର ପାଣିରେ ଡେଙ୍ଗୁର ବାହକ ଏଡିସ୍ ମଶା ସୃଷ୍ଟି ହୋଇଥାଏ। ଘରେ ବହୁଦିନ ଧରି ଜମି ରହୁଥିବା ପାଣି ନିଷ୍କାସନ କରିବାକୁ ଆଶା ଓ ଅଙ୍ଗନୱାଡି କର୍ମୀଙ୍କ ଜରିଆରେ ପ୍ରତି ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ସଚେତନ କରାଯାଉଛି ବୋଲି ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଉମାଶଙ୍କର ମିଶ୍ର ସୂଚନା ଦେଇଛନ୍ତି।

### ଡେଙ୍ଗୁ, ମ୍ୟାଲେରିଆ ନେଇ ବୈଠକ

**ଆର.ଉଦୟଗିରି,୨୩।୮(ଡି.ଏନ୍.ଏ.)**

ମୋହନା ବ୍ଲକର ଦୁର୍ଗମ ଅଞ୍ଚଳ ରାଇପଙ୍କା ପଞ୍ଚାୟତ ପରିସରରେ ଡେଙ୍ଗୁ, ମ୍ୟାଲେରିଆ ନେଇ ଏକ ସଚେତନତା ବୈଠକ ଅନୁଷ୍ଠିତ ହୋଇଥିଲା। ପଞ୍ଚାୟତ ନିର୍ବାହୀ ଅଧିକାରୀ ଖଗେଶ୍ୱର ଭୂୟାଁଙ୍କ ପରିଚାଳନାରେ ଅନୁଷ୍ଠିତ ବୈଠକରେ ସରପଞ୍ଚ, ୱାର୍ଡ ସଭ୍ୟାସଭ୍ୟ, ଅଙ୍ଗନୱାଡି କର୍ମୀ, ଆଶାକର୍ମୀ, ସ୍ୱାସ୍ଥ୍ୟକର୍ମୀ, ସମିତିସଭ୍ୟ ଉପସ୍ଥିତ ଥିଲେ। ପ୍ରତ୍ୟେକ ଗ୍ରାମରେ ଜମି ରହିଥିବା ନାଳନର୍ଦ୍ଦମା ପାଣିକୁ ନିଷ୍କାସନ କରିବା ସହ ଅଳିଆ ଆବର୍ଜନାକୁ ଗାଁ ବାହାରେ ନେଇ ଗାତ ଖୋଳି ପୋତିବା ଏବଂ ଜ୍ୱର, କାଶ, ଥଣ୍ଡା ହେଲେ ସରକାରୀ ମେଡିକାଲକୁ ଯାଇ ରକ୍ତ ପରୀକ୍ଷା କରି ସ୍ୱାସ୍ଥ୍ୟ ଯାଞ୍ଚ କରିବାକୁ ବୈଠକରେ ଭୂୟାଁ କହିଛନ୍ତି ।

## ମହାନଗର ନିଗମ ଅସ୍ଥାୟୀ କର୍ମଚାରୀ ସଂଘ ବୈଠକ

**ବ୍ରହ୍ମପୁର ଅଫିସ୍,୨୩।୮**


ବୈଠକରେ ଉପସ୍ଥିତ ସଂଘର କର୍ମକର୍ତ୍ତା।

ବ୍ରହ୍ମପୁର ମହାନଗର ନିଗମ ଅସ୍ଥାୟୀ କର୍ମଚାରୀ ସଂଘ ପକ୍ଷରୁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଏମ୍‌ସିରେ କାର୍ଯ୍ୟରତ ଥିବା ଅସ୍ଥାୟୀ କର୍ମଚାରୀ (ଡିଏଲ୍‌ଆର୍)ଙ୍କୁ ସ୍ଥାୟୀ ନିଯୁକ୍ତି ପାଇଁ ଦୀର୍ଘ ଦିନରୁ ଦାବି କରାଯାଉଥିଲେ ସୁଦ୍ଧା କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବା ନେଇ ସଂଘ ପକ୍ଷରୁ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏଭଳିକି କରୋନା ମହାମାରୀ ସମୟରେ ମଧ ଡିଏଲ୍‌ଆର କର୍ମଚାରୀମାନେ ଆଗ ଧାଡିର ଯୋଦ୍ଧା ଭାବେ କାର୍ଯ୍ୟ କରିଛନ୍ତି। କିନ୍ତୁ କର୍ମଚାରୀଙ୍କୁ ସେଭଳି କୌଣସି ସହାୟତା ପ୍ରଦାନ କରାଯାଇ ନ ଥିବା ନେଇ ସଂଘ କ୍ଷୋଭ ପ୍ରକାଶ କରିଛି। ବର୍ତ୍ତମାନ କର୍ମଚାରୀମାନେ ଦିନକୁ ୩୨୦ ଟଙ୍କା ଲେଖାଏ ଦରମା ପାଉଛନ୍ତି। ଏହାକୁ ବୃଦ୍ଧି କରାଯିବା ଏବଂ କର୍ମଚାରୀଙ୍କୁ ଭତ୍ତା ପ୍ରଦାନ କରିବା ପାଇଁ ସଂଘ ଦାବି କରିଛି। ବର୍ତ୍ତମାନ ମୁଖ୍ୟମନ୍ତ୍ରୀଙ୍କ ପକ୍ଷରୁ ଘୋଷଣା କରାଯାଇଥିବା ଯୋଜନା

### ସ୍ଥାୟୀ ଓ ଦରମା ବୃଦ୍ଧି ଦାବି

ଅନୁଯାୟୀ ଦରମା ବୃଦ୍ଧି ପାଇଁ ଦାବି ହୋଇଛି। ଉପରୋକ୍ତ ଦାବି ସମୂହକୁ ନେଇ ବାରମ୍ବାର ବିଏମ୍‌ସି କମିଶନରଙ୍କୁ ଅବଗତ କରାଯାଇଥିଲେ ସୁଦ୍ଧା କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବା ସଂଘ ଅଭିଯୋଗ କରିଛି। ଏ ନେଇ ଆସନ୍ତା ୨୭ ତାରିଖରେ ବିଏମ୍‌ସି କମିଶନର ଡ.ସିଦ୍ଧେଶ୍ୱର ବଳିରାମ ବୋନ୍ଧାରଙ୍କୁ ଦାବିପତ୍ର ପ୍ରଦାନ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଥିଲା। ଏଥିରେ ସଂଘ ସଭାପତି ଟି.ସୂର୍ଯ୍ୟ ପ୍ରକାଶ ରାଓ, ସମ୍ପାଦକ ଶୁଭେନ୍ଦୁ ନାୟକ, ସହସମ୍ପାଦକ ବାଲାଜୀ ନାୟକ ଓ ଲାବଣ୍ୟ ଦଳବେହେରାଙ୍କ ସମେତ ଘନଶ୍ୟାମ ଦଳବେହେରା, ବାଲୁ ମୁଖୀ, ପୂର୍ଣ୍ଣ ଚନ୍ଦ୍ର ଘଡ଼େଇ, ତ୍ରିଲୋଚନ ନାୟକ, ସାବିତ୍ରୀ ଆରଡ଼ି, ମୁନା ଘଡ଼େଇ ଓ ସଂଘର ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ବେଳାଭୂମିରେ ମଦଦୋକାନ ଖୋଲିବା ପାଇଁ ଜାଗା ଚିହ୍ନଟ

**ବ୍ରହ୍ମପୁର ଅଫିସ/ଗୋପାଳପୁର, ୨୩।୮**


ଗୋପାଳପୁର ପାନ୍ଥ ନିବାସ ବେଳାଭୂମିରେ ଅଧିକାରୀଙ୍କ ଜାଗା ଅନୁଧ୍ୟାନ।

ଗୋପାଳପୁର ବେଳାଭୂମିରେ ବିଚ୍ ସେକ ବା ମଦ ଦୋକାନ ଖୋଲିବା ପାଇଁ ପର୍ଯ୍ୟଟନ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯାଇଛି। ବିଚ ସେକ୍ ନିମନ୍ତେ ସୋମବାର ପର୍ଯ୍ୟଟନ ବିଭାଗ ପକ୍ଷରୁ ଓଡ଼ିଶା ପର୍ଯ୍ୟଟନ ଅଧିକାରୀ ଡ. ରତିକାନ୍ତ ପଟ୍ଟନାୟକ ଗୋପାଳପୁର ବେଳାଭୂମି ଗସ୍ତ କରି ଜାଗା ଚିହ୍ନଟ କରିଛନ୍ତି। ଏଥି ନିମନ୍ତେ ପାନ୍ଥ ନିବାସ ପଟେ ଥିବା ବେଳାଭୂମି ଜାଗା ବୁଲି ଦେଖିବା ସହ ତଦାରଖ କରିଥିଲେ। ତଦାରଖ ବେଳେ ପର୍ଯ୍ୟଟନ ବିଭାଗ ଅଧିକାରୀଙ୍କ ସମେତ ସୁରେନ୍ଦ୍ର ମହାପାତ୍ର, ଗୋପାଳପୁର ରାଜସ୍ୱ ନିରୀକ୍ଷକ ସନ୍ତୋଷ କୁମାର ବିଷୋୟୀ, ସହରାଜସ୍ୱ ନିରୀକ୍ଷକ ଅମିୟ କୁମାର ନାୟକ, ଅମିନ ବି.କମେଶ୍ୱର୍ ଓ ଗିରିଧର ବିଷୋୟୀ ପ୍ରମୁଖ ଉପସ୍ଥିତ ଥିଲେ। ଏ ନେଇ ରତିକାନ୍ତ ପଟ୍ଟନାୟକଙ୍କ ସହ ଯୋଗାଯୋଗ ବେଳେ ସେ କହିଛନ୍ତି, ରାଜ୍ୟ ସରକାର ୬ଟି ବିଚ୍‌ରେ ବିଚ୍ ସେକ ବା ମଦ ଦୋକାନ ଖୋଲିବା ପାଇଁ ଯୋଜନା ରଖିଛନ୍ତି। ଏଥିମଧ୍ୟରୁ ଗୋପାଳପୁରକୁ ଚିହ୍ନଟ କରିଛନ୍ତି। ଗୋପାଳପୁର ବିଚ୍‌କୁ ବିଦେଶୀ ପର୍ଯ୍ୟଟକ ଆସିବେ ସେ ନେଇ ବିଚ୍‌ରେ ବିଭିନ୍ନ ପ୍ରକଳ୍ପ କରିବା ପାଇଁ ଚେଷ୍ଟା ଚାଲିଛି। ଏଠାରେ ୨୪୦୦ ବର୍ଗମିଟର ମଧ୍ୟରେ ୫ଟି ଉଠା ମଦ ଦୋକାନ କରାଯିବ। ଗୋପାଳପୁର ବେଳାଭୂମିକୁ ଗୋଆ ବିଚ୍ ଭଳି ରୂପରେଖ ପାଇଁ ପ୍ରସ୍ତୁତି କରାଯିବ । ବିଚ୍‌ରେ ମଦ ଦୋକାନ ନ ଖୋଲିବା ପାଇଁ ସ୍ଥାନୀୟ ଲୋକେ ବିରୋଧ କରି ଚଳିତ ମାସ ୨ ତାରିଖରେ ପର୍ଯ୍ୟଟନ ମନ୍ତ୍ରୀ, ଓଟିଡିସି ପରିଚାଳନା ନିର୍ଦ୍ଦେଶକ ଏବଂ ଗଞ୍ଜାମ ଜିଲାପାଳଙ୍କୁ ଅଭିଯୋଗ କରିଥିଲେ। ସୋମବାର ମଧ ବରିଷ୍ଠ ନାଗରିକ ତଥା ସାମାଜିକ କର୍ମୀ ପଞ୍ଚୁ ବେହେରା ଏବଂ ଗୋପାଳପୁର ମତ୍ସ୍ୟଜୀବୀ ସଂଘ ସଭାପତି ଏସ୍. ଦାନେୟା ଗୋପାଳପୁରଠାରେ ବିଚ୍‌ସେକ ଖୋଲିବାକୁ ନେଇ ବିରୋଧ କରି ଦାବି ପତ୍ର ପ୍ରଦାନ କରିଛନ୍ତି।

## ସଂକ୍ଷେପରେ

### ବରିଷ୍ଠ ନାଗରିକ ଦିବସ ପାଳିତ

**ଫୁଲବାଣୀ ଅଫିସ, ୨୩।୮:** ଫୁଲବାଣୀ ମା' ନାରାୟଣୀ ଯାତ୍ରା କମିଟି ସଭାଗୃହରେ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଯାଇଛି। ଜିଲା ବରିଷ୍ଠ ନାଗରିକ ସଂଘ ସଭାପତି ଡା.ରାଜକିଶୋର ବେହେରା, ସାଧାରଣ ସମ୍ପାଦକ କେ.ଲକ୍ଷ୍ମୀନାରାୟଣ ଦୋରା ପ୍ରମୁଖ ଏଥିରେ ଯୋଗଦେଇ ବରିଷ୍ଠ ନାଗରିକ ଦିବସ ପାଳନର ତାପ୍ତର୍ଯ୍ୟ ଉପରେ ଆଲୋଚନା କରିଥିଲେ। ବରିଷ୍ଠ ନାଗରିକମାନଙ୍କୁ ସବୁବେଳେ ଉତ୍ସାହିତ କରିବା ସହ ସମ୍ମାନ, ସୁରକ୍ଷା ପ୍ରଦାନର ଆବଶ୍ୟକତା ରହିଛି। ଘରେ ବାହାରେ ସବୁଠି ବରିଷ୍ଠ ନାଗରିକଙ୍କୁ ସ୍ନେହ, ସମ୍ମାନ ଦେବାକୁ ବୈଠକରେ ମତପ୍ରକାଶ ପାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପ ସଭାପତି ରବିନାରାୟଣ ସୁବୁଦ୍ଧି, ସଂଗଠନ ସମ୍ପାଦକ ପ୍ରସନ୍ନ ସାହାଣୀ, ଉପଦେଷ୍ଟା ସର୍ବେଶ୍ୱର ମିଶ୍ର, ଅଚ୍ୟୁତ କହଁର, ବସନ୍ତ ବେହେରା, ମୋଚିରାମ ମିଶ୍ର, ପ୍ରଭାକର ପଲ, ରମେଶ ବିଶ୍ୱାଳ, ସୁବାସ ବେହେରା, ରାମକୃଷ୍ଣ ବେହେରା, ସଚ୍ଚିଦାନନ୍ଦ ପଟ୍ଟନାୟକ, ଚିତ୍ତରଞ୍ଜନ ପାଢ଼ୀ ପ୍ରମୁଖ ଉପସ୍ଥିତ ରହି ସେମାନଙ୍କ ବକ୍ତବ୍ୟ ରଖିଥିଲେ।

### ବିଜେଡି ସାଙ୍ଗଠନିକ ବୈଠକ

**ଫୁଲବାଣୀ ଅଫିସ,୨୩।୮:** ଫୁଲବାଣୀ ସଦର ବ୍ଲକ ଗଞ୍ଜୁଗୁଡ଼ା ପଞ୍ଚାୟତ ଲାରିସାପଡାଠାରେ ବ୍ଲକ ମହିଳା ବିଜୁ ଜନତା ଦଳର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ମହିଳା ବିଜେଡି ସଭାପତି ପୁନମ କହଁର ଅଧକ୍ଷତା କରିଥିବା ବେଳେ ଫୁଲବାଣୀ ବିଧାୟକ ଅଙ୍ଗଦ କହଁର, ବ୍ଲକ ସଭାନେତ୍ରୀ ରମାଦେବୀ ବିଷୋୟୀ, ବିଧାୟକ ପ୍ରତିନିଧି ନୀଳାମ୍ବର କହଁର, ବ୍ଲକ ବିଜେଡି ସଭାପତି ବାଳକୃଷ୍ଣ ସାହୁଙ୍କ ସମେତ ଅନେକ କର୍ମୀ ଉପସ୍ଥିତ ଥିଲେ। ସେହିଭଳି ଫୁଲବାଣୀଠାରେ ଜିଲା ଯୁବ ବିଜେଡି ଓ ଛାତ୍ର ବିଜେଡିର ମଧ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। କନ୍ଧମାଳ ଏମ୍‌ପି ଅଚ୍ୟୁତ ସାମନ୍ତ ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ସାଂଗଠନିକ ବିଷୟ ଉପରେ ଆଲୋଚନା କରିଥିଲେ। ବାଲିଗୁଡ଼ା ବିଧାୟକ ଚକ୍ରମଣି କହଁର, ଜିଲା ବିଜେଡି ସଭାପତି ସରୋଜ କର୍ଣ୍ଣ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଆଗାମୀ ପୌର ପରିଷଦ ଓ ପଞ୍ଚାୟତ ନିର୍ବାଚନ ପାଇଁ ଦଳକୁ ପ୍ରସ୍ତୁତ ରଖିବାକୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯୁବ ବିଜେଡି ସଭାପତି ବିଷ୍ଣୁ ଚରଣ ମଲିକ, ଛାତ୍ର ବିଜେଡି ସଭାପତି ସୁନୀଲ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

### କାଶୀନଗର ବ୍ଲକ ଉପାଧ୍ୟକ୍ଷାଙ୍କ ଦେହାନ୍ତ

କାଶୀନଗର,୨୩।୮(ଡି.ଏନ.ଏ.): କାଶୀନଗର ବ୍ଲକ ଉପାଧକ୍ଷା କେ.ଜିୟାଙ୍କ ସୋମବାର ଦେହାନ୍ତ ହୋଇଯାଇଛି। ସେ ଦୀର୍ଘଦିନ ହେଲା ଅସୁସ୍ଥ ଥିଲେ। ଏନେଇ କାଶୀନଗର ବ୍ଲକ ଅଧକ୍ଷ ଚିତ୍ରୀ ସିମାଦ୍ରୀ ସୂଚନା ଦେଇଥିଲେ।

### ମହିଳା ସଂଘ ଗୃହ ଅନ୍ୟତ୍ର ନିର୍ମାଣକୁ ବିରୋଧ

**ଗୋପାଳପୁର,୨୩।୮:** ରଙ୍ଗେଇଲୁଣ୍ଡା ବ୍ଲକ ଅନ୍ତର୍ଗତ ସିନ୍ଧି ଗାଁ ପଞ୍ଚାୟତ ଅଧୀନ ପାତ୍ରପୁରଠାରେ ବ୍ଲକ ପ୍ରଶାସନ ପକ୍ଷରୁ ବେଆଇନ ଭାବେ ନିର୍ମାଣ ଆରମ୍ଭ ହୋଇଥିବା ମହିଳା ସଂଘ ଗୃହକୁ ବିରୋଧ କରାଯାଇଛି। ମହିଳା ସଂଘ ସଦସ୍ୟଙ୍କ ସମେତ ଗ୍ରାମ୍ୟ କମିଟି ପକ୍ଷରୁ ସୋମବାର ବ୍ରହ୍ମପୁର ଉପଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏଥିସହ ସଂଘ ଗୃହକୁ ସିନ୍ଧି ଗାଁଠାରେ ନିର୍ମିତ କରିବା ନିମନ୍ତେ ଦାବି କରାଯାଇଛି। ସୂଚନାଯୋଗ୍ୟ, ସିନ୍ଧି ଗାଁ ପଞ୍ଚାୟତରେ ଏକ ମହିଳା ସଂଘ ଗୃହ ନିର୍ମାଣ ନିମନ୍ତେ ରାଜ୍ୟ ସରକାରଙ୍କ ପକ୍ଷରୁ ୧୨ ଲକ୍ଷ ୫୦ ହଜାର ଟଙ୍କାର ଅନୁଦାନ ଆସିଥିଲା। ଏ ନେଇ ସିନ୍ଧି ଗାଁଠାରେ ୫୬ ମହିଳା ସଂଘର ସଦସ୍ୟ ଓ ଗ୍ରାମ୍ୟ କମିଟି ପକ୍ଷରୁ ବ୍ଲକ ବିଡିଓ ପ୍ରସନ୍ନ କୁମାର ପାତ୍ରଙ୍କ ସହ ସାକ୍ଷାତ କରି ସିନ୍ଧି ଗାଁଠାରେ ସଂଘ ଗୃହ ନିର୍ମାଣ କରିବାକୁ ଅନୁରୋଧ କରିଥିଲେ। କିନ୍ତୁ ଏହା ମଧ୍ୟରେ ବ୍ଲକ ପ୍ରଶାସନ ପକ୍ଷରୁ ପାତ୍ରପୁରଠାରେ ମାତ୍ର ୬ ମହିଳା ସଂଘ ଥିବା ବେଳେ ସେଠାରେ କୋଠା ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଇଛି। ଏହାକୁ ନେଇ ମହିଳା ସଂଘ ସଦସ୍ୟ ଓ ଗ୍ରାମ୍ୟ କମିଟି ପକ୍ଷରୁ ଏକ ପ୍ରତିନିଧି ଦଳ ବ୍ରହ୍ମପୁର ଉପଜିଲାପାଳ ଭି କାର୍ତ୍ତି ଭାସନ୍‌ଙ୍କୁ ସାକ୍ଷାତ କରିଛନ୍ତି। ସଂଘ ଗୃହକୁ ସିନ୍ଧି ଗାଁରେ କରିବାକୁ ଏବଂ ବିଡିଓଙ୍କ ମନମୁଖି କାର୍ଯ୍ୟ ସମ୍ପର୍କରେ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ର ପ୍ରଦାନ ବେଳେ ଲୁହାଙ୍ଗର ପଞ୍ଚାୟତ ସରପଞ୍ଚ ଡି.ଦମୟନ୍ତୀ ରେଡି, ସଭାପତୀ ପି. ନାଗେଶ୍ୱର ରେଡି,ସମ୍ପାଦକ ଏମ୍.କେଶବ ରେଡ୍ଡୀ, ପୂର୍ବତନ ସଭାପତି ଏନ୍. ପ୍ରମୁଖ ଉପସ୍ଥିତ ଥିଲେ। ସମସ୍ୟାର ସମାଧାନ ନ ହେଲେ ବିକ୍ଷୋଭ କରିବେ ବୋଲି କହିଛନ୍ତି।

# ୨୧ କୁଇଣ୍ଟାଲ ଗଞ୍ଜେଇ ଜବତ, ୨୬ ଗିରଫ

## ଅଭିଯୁକ୍ତଙ୍କ ମଧ୍ୟରେ ୭ ମହିଳା

**ପାରଳାଖେମୁଣ୍ଡି/ଆର୍.ଉଦୟଗିରି, ୨୩।୮(ଡି.ଏନ୍.ଏ.)**

ଗଜପତି ଜିଲା ଆର.ଉଦୟଗିରି ଏସ୍‌ଡିପିଓ ଦିଲ୍ଲୀପ କୁମାର ନାୟକଙ୍କ ତତ୍ତ୍ୱାବଧାନରେ ସୋମବାର ପୋଲିସ ବେଆଇନ୍ ଭାବେ ଚାଲାଣ ହେଉଥିବା ୨୧ କୁଇଣ୍ଟାଲ ଗଞ୍ଜେଇ ଜବତ କରିଛି। ଏଥିରେ ସମ୍ପୃକ୍ତ ଥିବା ଭିଯୋଗରେ ୭ ମହିଳାଙ୍କ ସମେତ ୨୬ ଜଣଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତମାନେ ହରିୟାନା ଓ ପଞ୍ଜାବ ଅଞ୍ଚଳର ବୋଲି ଏସ୍‌ଡିପିଓ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି।


ଜବତ ଗଞ୍ଜେଇ ସହ ଗିରଫ ଅଭିଯୁକ୍ତ।

ପ୍ରକାଶ ଯେ, ଅଭିଯୁକ୍ତମାନେ ୪ ଭ୍ୟାନ୍ ଯୋଗେ ଗଞ୍ଜେଇକୁ ହରିୟାନା ଚାଲାଣ କରୁଥିଲେ। ଖବର ପାଇ ଗଜପତି ଜିଲା ନୂତନ ଏସ୍‌ପି ଜୟରାମ ଶତପଥୀଙ୍କ ନିର୍ଦ୍ଦେଶ କ୍ରମେ ଆର୍.ଉଦୟଗିରି ପୋଲିସ ସମ୍ବଲପୁର ଅଞ୍ଚଳରେ ଚଢ଼ାଉ କରିଥିଲା। ସେଠାରେ ୪ ଭ୍ୟାନକୁ ଯାଞ୍ଚ କରିବାରୁ ସେଥିରେ ଥିବା ୨୧ କୁଇଣ୍ଟାଲ ଗଞ୍ଜେଇ ଜବତ କରାଯାଇଥିଲା। ଏ ନେଇ ଆର୍.ଉଦୟଗିରି ଥାନାରେ ୧୦୨, ୧୦୩, ୧୦୪, ୧୦୫/୨୧ରେ ୪ଟି ପୃଥକ୍ ମାମଲା ରୁଜୁ ହୋଇଛି। ଜବତ ସମସ୍ତ ଗାଡ଼ି ଓଡିଶାର ବୋଲି ଜଣାପଡ଼ିଛି।

# ବନ୍ଦର ବିବାଦର ସମାଧାନ ପାଇଁ ଜିଲାପାଳଙ୍କ ତ୍ରିପାକ୍ଷିକ ବୈଠକ

**ଭୁବନେଶ୍ୱର,୨୩।୮**

ଗଞ୍ଜାମ ଜିଲାର ଗୋପାଳପୁର ବନ୍ଦରକୁ ନେଇ ଗତ କିଛି ଦିନ ହେବ ଲାଗି ରହିଥିବା ସମସ୍ୟାର ସମାଧାନ ପାଇଁ ଅଗଷ୍ଟ ୯ରେ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ବିଶେଷକରି ଗୋପାଳପୁର ବନ୍ଦର କର୍ତ୍ତୃପକ୍ଷ ଏବଂ ବନ୍ଦର କର୍ମଚାରୀ ୟୁନିୟନ ମଧ୍ୟରେ ରହିଥିବା ବିବାଦର ସମାଧାନ ନେଇ ଜିଲା ପ୍ରଶାସନ ପକ୍ଷରୁ ଏହି ବୈଠକର ଆୟୋଜନ କରାଯାଇଥିଲା। ଉକ୍ତ ବୈଠକରେ ଗଞ୍ଜାମ ଛତ୍ରପୁରର ପୋଲିସ ଅଧୀକ୍ଷକ, ଗଞ୍ଜାମ ଅତିରିକ୍ତ ଜିଲାପାଳ (ରାଜସ୍ୱ), ଛତ୍ରପୁର ଉପଜିଲାପାଳ, ଛତ୍ରପୁର ତହସିଲଦାର, ଗୋପାଳପୁର ବନ୍ଦର ଲିଃର ଉପସଭାପତି (ମାନବ ସମ୍ବଳ), ଗୋପାଳପୁର ବନ୍ଦର ମଜଦୁର ୟୁନିୟନର ସଭାପତି, ଗୋପାଳପୁର ବନ୍ଦର ଡକ୍ ୱାର୍କର୍ସ ୟୁନିୟନର ସମ୍ପାଦକ, ଗୋପାଳପୁର ବନ୍ଦର କର୍ମଚାରୀ ସଂଘର ସଭାପତି ଏବଂ ଗଞ୍ଜାମ ଛତ୍ରପୁରର ଜିଲା ଶ୍ରମ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ।

ଗଞ୍ଜାମ ଜିଲା ପ୍ରଶାସନ ପକ୍ଷରୁ ନିଆଯାଇଥିବା ନିଷ୍ପତ୍ତି ଅନୁଯାୟୀ ଆଗତ ଏହି ବୈଠକରେ ଗଞ୍ଜାମ ଜିଲାପାଳ ବିଜୟ ଅମୃତ କୁଲାଙ୍ଗେଙ୍କ ଅଧ୍ୟକ୍ଷତାରେ ନିଷ୍ପତ୍ତି ହୋଇଛି। ସବୁ ପକ୍ଷର ଅଭିଯୋଗ ଶୁଣିଲା ପରେ ଜିଲାପାଳଙ୍କ ଦ୍ୱାରା ନିଆଯାଇଥିବା ନିଷ୍ପତ୍ତି ସବୁ ପକ୍ଷଙ୍କ ସମ୍ମତିରେ ପ୍ରକାଶ କରାଯାଇଥିଲା। ନିଷ୍ପତ୍ତିଗୁଡିକ ମଧ୍ୟରେ ରହିଛି ରେକ୍ ମିଳିବା ଏବଂ ବ୍ୟବସାୟିକ ଅଭିବୃଦ୍ଧିକୁ ଦୃଷ୍ଟିରେ ରଖି ପୁରୁଣା ସାଇଡିଂରେ ଶ୍ରମିକମାନଙ୍କୁ ମାସିକ ନିଶ୍ଚିତ ୫୬ଟି ରେକ୍ ଏବଂ ବାର୍ଷିକ ୬୭୨ଟି ରେକ୍ ପ୍ରଦାନ କରାଯିବ। ନୂତନ ସାଇଡିଂରେ କୌଣସି କାମ ଶ୍ରମିକମାନଙ୍କୁ ଯୋଗାଇ ଦିଆଯିବ ନାହିଁ। ଶ୍ରମିକମାନେ ନୂଆ ସାଇଡିଂ ଅଞ୍ଚଳକୁ ଯିବେ ନହେଁ। ଏହାର ସମସ୍ତ କର୍ମଚାରୀଙ୍କର ବାୟୋମେଟ୍ରିକ ବାଧ୍ୟତାମୂଳକ ହେବ। ଜିଲା ପ୍ରଶାସନ ତତ୍ତ୍ୱାବଧାନରେ ଏକ ଅଭିଯୋଗ ଶୁଣାଣି କମିଟି (ଜିଆର୍‌ସି) ଗଠନ ହେବ। ଜିଆର୍‌ସି ମାଧ୍ୟମରେ ଭବିଷ୍ୟତର ସମସ୍ତ ବିବାଦର ସମାଧାନ କରାଯିବ। କୌଣସି କର୍ମଚାରୀ ୟୁନିୟନର ଆଇନ ଶୃଙ୍ଖଳା ବ୍ୟବସ୍ଥାକୁ ହାତକୁ ନେବେ ନାହିଁ ବୋଲି ଏକ ନିର୍ଦ୍ଦେଶାବଳୀ ସବୁ ପକ୍ଷକୁ ପ୍ରଦାନ କରାଯାଇଥିଲା।

# ତଦନ୍ତ କରିବାକୁ ଯାଇ ପୋଲିସ ହଟହଟା


ଉତ୍ତେଜିତ ଗ୍ରାମବାସୀ।

## ଅନଙ୍ଗପୁରରେ ଗ୍ରାମରେ ଚୋରି ଘଟଣା

**ଦିଗପହଣ୍ଡି,୨୩।୮(ଡି.ଏନ.ଏ.)**

ଏକ ଚୋରି ଘଟଣାର ତଦନ୍ତ କରିବାକୁ ଯାଇ ରବିବାର ଦିଗପହଣ୍ଡି ପୋଲିସ ଗାଁ ଲୋକଙ୍କ ଦ୍ୱାରା ହଟହଟାର ସମ୍ମୁଖୀନ ହୋଇଛି। ପ୍ରାୟ ଏକ ଘଣ୍ଟା ଧରି ଗାଁ ଲୋକ ପୋଲିସ ଗାଡିକୁ ଘେରାଉ କରି ନିରପେକ୍ଷ ତଦନ୍ତ ଦାବି କରିଥିଲେ। ଶେଷରେ ସନ୍ଧାନୀ କୁକୁର ଜରିଆରେ ଚୋରି ଘଟଣାର ତଦନ୍ତ ଆରମ୍ଭ ହେବା ପରେ ଉତ୍ତେଜିତ ଲୋକମାନେ ଶାନ୍ତ ପଡିଥିଲେ। ଦିଗପହଣ୍ଡି ଥାନା ଅନ୍ତର୍ଗତ ଅନଙ୍ଗପୁର ଗାଁରେ ଶନିବାର ରାତ୍ରିରେ ଧୋବା ସାହିର ସ୍ୱର୍ଗତ ଅନନ୍ତ ସେଠୀଙ୍କ ଘରୁ ୩୦ ତୋଳା ସୁନା ସହ ନଗଦ ୩୦ ହଜାର ଟଙ୍କା ଚୋରି ଅଭିଯୋଗ ହୋଇଥିଲା। ଚୋରି ସମୟରେ ଅନନ୍ତ ସେଠୀଙ୍କ ପୁଅମାନେ ରାଜ୍ୟ ବାହାରେ ଥିଲେ। ରାତିରେ ଘରେ ଦୁଇ ବୋହୁଙ୍କ ସହ ଶାଶୁ ଖାଇ ପିଇ ଶୋଇଥିଲେ। ଏହି ସମୟରେ ଚୋରମାନେ ତାଙ୍କ ଘରେ ପଶି ଚୋରି କରିଥିଲେ। ଏ ନେଇ ଦିଗପହଣ୍ଡି ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ପୋଲିସ୍ ପହଞ୍ଚି ଉକ୍ତ ଚୋରି ଘଟଣାର ତଦନ୍ତ କରି ଫେରିଥିଲା। ଏହି ତଦନ୍ତରୁ ଗାଁ ଲୋକେ ସନ୍ତୁଷ୍ଟ ନ ଥିଲେ। ଫଳରେ ଗାଁ ଲୋକମାନେ ଥାନା ଘେରାଉ କରିବା ପାଇଁ ନିଷ୍ପତ୍ତି ନେଇଥିଲେ। ଖବର ପାଇ ଲୋକମାନେ ଥାନାକୁ ଆସିବା ପୂର୍ବରୁ ପୋଲିସ ଚୋରି ଘଟଣାର ଅଧିକା ତଦନ୍ତ ପାଇଁ ଗାଁରେ ପହଞ୍ଚିଲା ବେଳେ ଘେରାଉ କରାଯାଇଥିଲା।

# ରାସ୍ତା ନିର୍ମାଣ ଦାବିରେ ବିଡିଓଙ୍କୁ ସ୍ମାରକପତ୍ର

**କୁକୁଡାଖଣ୍ଡି,୨୩।୮**

କୁକୁଡାଖଣ୍ଡି ବ୍ଲକ ନିମଖଣ୍ଡି ପଞ୍ଚାୟତ ଅନ୍ତର୍ଗତ ମଞ୍ଜୁଶ୍ରୀ ନଗର ଦ୍ୱିତୀୟ ଲାଇନ ରାସ୍ତା ତୁରନ୍ତ ନିର୍ମାଣ ଦାବିରେ ଅଞ୍ଚଳବାସୀଙ୍କ ପକ୍ଷରୁ ସୋମବାର କୁକୁଡାଖଣ୍ଡି ବିଡିଓଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ସାମାନ୍ୟ ବର୍ଷା ହେଲେ ରାସ୍ତାରେ ପାଣି ଜମି ରହିବା ସହିତ ଖାଲଖମା ସୃଷ୍ଟି ହୋଇ ରହିଛି। ଫଳରେ ଗାଡି ମୋଟର ଯିବା ଆସିବା ଦୂରର କଥା ପାଦରେ ଚାଲିଯିବାରେ ମଧ ଗ୍ରାମବସୀ ବହୁ ଅସୁବଧାର ସମ୍ମୁଖୀନ ହେଉଛନ୍ତି। ଏ ସମ୍ପର୍କରେ ସ୍ଥାନୀୟ ପ୍ରଶାସନକୁ ବାରମ୍ବାର ଅବଗତ କରାଇଥିଲେ ମଧ କୌଣସି ସୁଫଳ ମିଳୁନାହିଁ। ଫଳରେ ଉକ୍ତ ସାହି ରାସ୍ତା ତୁରନ୍ତ ନିର୍ମାଣ ସକାଶେ କୁକୁଡ଼ାଖଣ୍ଡି ବିଡିଓ ଗଦାଧର ପାତ୍ରଙ୍କ ଦୃଷ୍ଟି ଆକର୍ଷଣ କରାଇଥିବା ସ୍ଥାନୀୟ ଅଞ୍ଚଳବାସୀ ସୂଚନା ଦେଇଛନ୍ତି। ସ୍ମାରକପତ୍ର ପ୍ରଦାନ ସମୟରେ ମଞ୍ଜୁଶ୍ରୀ ନଗରର ରାଧା ଚରଣ ସାହୁ, ଦଣ୍ଡ ପ୍ରସାଦ ପରିଛା, ବିଶ୍ୱକେଶ ମିଶ୍ର, ରବୀନ୍ଦ୍ର ନାଥ, ମୃତ୍ୟୁଞ୍ଜୟ ସାହୁ, ବିଦ୍ୟାଧର ମହାନ୍ତିଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ପ୍ରତି ଗାଁରେ ଭାଇରାଲ ଜ୍ୱର

- କରୋନା ଭୟରେ ଲୋକେ ଯାଉନାହାନ୍ତି ମେଡିକାଲ
- ସ୍ୱାସ୍ଥ୍ୟ ବିଭାଗ ଟିମର ତଦାରଖ ଜରୁରୀ

**ଖଜୁରିପଡ଼ା,୨୩।୮(ଡି.ଏନ.ଏ.)**

କନ୍ଧମାଳ ଜିଲାର ପ୍ରତ୍ୟେକ ଗାଁରେ ଜ୍ୱର ଭାଇରାଲ ହେବାରେ ଲାଗିଛି। ଜ୍ୱର ହେବା ଦ୍ୱାରା ଘରେ ଘରେ ସମସ୍ତଙ୍କ ସ୍ୱାସ୍ଥ୍ୟ ଅବସ୍ଥା ବେହାଲ ହୋଇପଡିଛି। କରୋନା ଭୟରେ ଲୋକମାନେ ଡାକ୍ତରଖାନା ଯିବାକୁ ମନା କରୁଥିବା ବେଳେ କ୍ଲିନିକ୍ ଓ ଔଷଧ ଦୋକାନକୁ ଯାଇ ଚିକିତ୍ସିତ ହେଉଛନ୍ତି। ଫଳରେ ସବୁ କ୍ଲିନିକ ଓ ଔଷଧ ଦୋକାନରେ ଭିଡ଼ ଦେଖିବାକୁ ମିଳୁଛି। କେତେକ ପରିବାରର ଲୋକମାନେ ଅର୍ଥର ଅଭାବରୁ ଔଷଧ ଖାଇବା ବଦଳରେ ଅନ୍ଧବିଶ୍ୱାସରେ ପଡ଼ି ଝଡ଼ାଫୁଙ୍କା କରିବାରେ ଲାଗିଛନ୍ତି। ଏ ନେଇ ଆମ (ଧରିତ୍ରୀ) ପ୍ରତିନିଧି ଜ୍ୱରରେ ପୀଡ଼ିତ ଅନେକ ବ୍ୟକ୍ତିଙ୍କୁ ପଚାରିବାରୁ ସେମାନେ କହିଥିଲେ ଯେ, ପ୍ରଥମେ ଥଣ୍ଡା କାଶ ହେଉଛି, ଧୀରେ ଧୀରେ ମୁଣ୍ଡବଥା ହେଉଛି, ତା'ପରେ ଜ୍ୱରର ମାତ୍ରା ବଢ଼ିଯାଉଛି। ଔଷଧ ଓ ଇଞ୍ଜେକ୍ସନ ନେବା ପରେ ଭଲ ହୋଇଯାଉଛି। ତା' ପରେ ପରିବାରର ଅନ୍ୟ ସମସ୍ୟଙ୍କୁ ଏହି ଜ୍ୱର ଆରମ୍ଭ ହେଉଛି। ଏମିତି ପରିବାରର ସମସ୍ତଙ୍କୁ ହେଉଛି ବୋଲି ପୀଡ଼ିତମାନେ ପ୍ରକାଶ କରିଛନ୍ତି। ଗାଉଁଲି ଭାଷାରେ ଏହାକୁ ସ୍ୱତୀ ଜ୍ୱର ବୋଲି କେତେକ ମଧ ମତ ପ୍ରକାଶ କରୁଛନ୍ତି। ଏ ନେଇ କୌଣସି ସ୍ୱାସ୍ଥ୍ୟ ବିଭାଗ ଟିମ୍ ଗାଁକୁ ବୁଲି ତଦାରଖ କରି ନଥିବାରୁ ପ୍ରକୃତ ରିପୋର୍ଟ ଜଣାପଡୁନାହିଁ ବୋଲି ବୁଦ୍ଧିଜୀବୀମାନେ କହିଛନ୍ତି। ଏ ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସାଳୟ ଅତିରିକ୍ତ ଚିକିତ୍ସା ଅଧିକାରୀ ଡ.ଅଭୟ କୁମାର ପଟ୍ଟନାୟକଙ୍କୁ ପଚାରିବାରୁ ତଦନ୍ତ କରି ଚିକିତ୍ସା ଟିମକୁ ଗାଁକୁ ପଠାଇବୁ ବୋଲି କହିଛନ୍ତି।

# ପୋଖରୀରେ ବୁଡ଼ି ଯୁବକଙ୍କ ମୃତ୍ୟୁ

**ଆସିକା,୨୩।୮(ଡି.ଏନ.ଏ.)**

ଗାଙ୍ଗପୁର ଥାନା ବାଙ୍ଗରଡା ଗ୍ରାମରେ ୨ ଦିନରେ ୨ ଜଣଙ୍କ ମୃତ୍ୟୁ ଘଟିଛି। ରବିବାର ଗ୍ରାମ ପୋଖରୀରେ ବୁଡ଼ି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବିନାୟକ ନାୟକ। ବିନାୟକ ସ୍ନାନଶୌଚ ଲାଗି ପୋଖରୀକୁ ଯାଇଥିବା ବେଳେ ପାଣିରେ ବୁଡି ଯାଇଥିଲେ। ତାଙ୍କୁ ଆସିକା ଡାକ୍ତରଖାନା ନିଆଯାଇଥିଲେ ମଧ୍ୟ ଡାକ୍ତର ମୃତ ଘୋଷଣା କରିଥିଲେ। ଏ ନେଇ ନଂ. ୧୮/୨୧ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ସେହିପରି ସୋମବାର ଗ୍ରାମର ଇନ୍ଦ୍ରମଣି ନାୟକ (୬୧)ଙ୍କ ଆକସ୍ମିକ ମୃତ୍ୟୁ ଘଟିଥିଲା। ତାଙ୍କ ପୁଅ କୃଷ୍ଣଚନ୍ଦ୍ର ଅଭିଯୋଗକ୍ରମେ ନଂ.୧୯/୨୧ରେ ଅନ୍ୟ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଭଞ୍ଜନଗର ଡାକ୍ତରଖାନାରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି।

# ୮୫ ଦେଲେ ପିଜି ପ୍ରବେଶିକା ପରୀକ୍ଷା


ପରୀକ୍ଷା କେନ୍ଦ୍ରରେ ପ୍ରବେଶ ପୂର୍ବରୁ ପରୀକ୍ଷାର୍ଥୀଙ୍କ ଥର୍ମାଲ ଟେଷ୍ଟ।

## ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ

**ବ୍ରହ୍ମପୁର ଅଫିସ,୨୩।୮**

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପକ୍ଷରୁ ସୋମବାରଠାରୁ ପିଜି ପ୍ରବେଶିକା ପରୀକ୍ଷା ଆରମ୍ଭ ହୋଇଛି। ପୂର୍ବାହ୍ନ ୧୦ଟାରୁ ପରୀକ୍ଷା ଆରମ୍ଭ ହୋଇଥିଲା। ପ୍ରଥମ ଦନିରେ ନୃତତ୍ତ୍ୱ ବିଜ୍ଞାନ(କଳା)ରେ ୨, ନୃତତ୍ତ୍ୱ ବିଜ୍ଞାନରେ ୧, ଭୂଗୋଳରେ ୩, ମେରାଇନ ଓସେନୋଗ୍ରାଫିରେ ୨୭ ଏବଂ ଏମ୍‌ବିଏରେ ୫୨ ଜଣ ପରୀକ୍ଷା ଦେଇଥିଲେ। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଗୋବିନ୍ଦ ଜେ ଚକ୍ରପାଣି, ପରୀକ୍ଷା ନିୟନ୍ତ୍ରକ ପ୍ରଫେସର ସୁରେନ୍ଦ୍ର ସେଠୀଙ୍କ ସମେତ ପିଜି କାଉନସିଲ ଅଧ୍ୟକ୍ଷ ପ୍ରଫେସର ପ୍ରତାପ କୁମାର ମହାନ୍ତି ପ୍ରମୁଖ ପ୍ରଥମ ଦିନ ପରୀକ୍ଷା ତଦାରଖ କରିଥିଲେ। କୋଭିଡ୍ ଗାଇଡ୍‌ଲାଇନକୁ ଗୁରୁତ୍ୱ ଦିଆଯାଇଥିଲା।

# ନାବାଳକଙ୍କ ଚିକିତ୍ସାରେ ଅର୍ଥ ବାଧକ

**ପୋଲସରା,୨୩।୮(ଡି.ଏନ.ଏ.)**

ପୋଲସରା ଏନ୍‌ଏସି ୩ ନଂ.ୱାର୍ଡ ରାଣୀପଡ଼ା ମାଳତୀପାଟଣା ସାହିର ବଳରାମ ପରିଡ଼ାଙ୍କ ୧୦ ବର୍ଷୀୟ ପୁଅର ଚିକିତ୍ସାରେ ଅର୍ଥ ବାଧକ ସାଜିଛି। ସ୍ତ୍ରୀ ଭାଗ୍ୟଲତା, ଦୁଇ ପୁଅ, ଗୋଟିଏ ଝିଅକୁ ନେଇ ବଳରାମଙ୍କ ପରିବାର। ୨୦୧୭ ମସିହାରେ ସାନପୁଅ ପ୍ରଦ୍ୟୁମ୍ନଙ୍କ ଅଣ୍ଡକୋଷରେ କିଛି ସମସ୍ୟା ଦେଖାଦେବାରୁ ତାଙ୍କୁ ପ୍ରଥମେ କଟକ ଶିଶୁ ଭବନ ପରେ ଆଚାର୍ଯ୍ୟ ହରିହର ହସ୍ପିଟାଲକୁ ନିଆଯାଇଥିଲା। ଅବସ୍ଥା ଠିକ୍ ହେବାରୁ ଘରକୁ ଆସିଥିଲେ। ପରେ ପୁଣି ସେହି ସମସ୍ୟା ଦେଖାଦେଇଥିଲା। ସେତବେଳ ପର୍ଯ୍ୟନ୍ତ ବଳାରାମ ୧୦ ଲକ୍ଷରୁ ଉର୍ଦ୍ଧ୍ୱ ଖର୍ଚ୍ଚ ସାରିଥିଲେ। ଅଧିକ ଚିକିତ୍ସା ପାଇଁ ଆହୁରୀ ଟଙ୍କା ଆବଶ୍ୟକ ପଡ଼ିବାରୁ ରାଣୀପଡ଼ାସ୍ଥିତ ନିଜ ଘର ବିକି ମୁମ୍ବାଇସ୍ଥିତ ଟାଟା ମେମୋରିଆଲ ହସ୍ପିଟାଲକୁ ନେଇଥିଲେ। ସେଠାରେ ୭ ମାସ ପର୍ଯ୍ୟନ୍ତ ଚିକିତ୍ସା ପରେ ଅବସ୍ଥାରେ ସୁଧାର ଆସିବାରୁ ଘରକୁ ଆସିଥିଲେ। ଘରେ ପୁଣି ଅଣ୍ଡକୋଷର ସମସ୍ୟା ଜଟିଳ ହେବାରେ ଲାଗିଛି। ବଳରାମ ଘରଦ୍ୱାର, ସୁନା ରୁପା ଆଦି ସବୁ ସାରି ଥିବା ବେଳେ ଏବେ କ'ଣ କରିବେ ଚିନ୍ତା କରିପାରୁନାହାନ୍ତି। ବର୍ତ୍ତମାନ ମୂଲ ଲାଗିଲେ ପରିବାର ଚଳୁଛି। ବଳରାମ ଜିଲା ପ୍ରଶାସନ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ, ମୁଖ୍ୟମନ୍ତ୍ରୀଙ୍କୁ ଗଣମାଧ୍ୟମ ଜରିଆରେ ପୁଅ ଚିକିତ୍ସା ପାଇଁ ସହାୟତା ନିବେଦନ କରିଛନ୍ତି।

# ପୂର୍ବତନ ବିଧାୟକଙ୍କ ଶ୍ରାଦ୍ଧବାର୍ଷିକୀ

**ବାଲିଗୁଡ଼ା,୨୩।୮.(ଡ଼ି.ଏନ.ଏ.)**

ବାଲିଗୁଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀର ପୂର୍ବତନ ଦିବଙ୍ଗତ କଂଗ୍ରେସ ବିଧାୟକ ସାହୁରା ମଲିକଙ୍କ ଦ୍ୱିତୀୟ ଶ୍ରାଦ୍ଧ ବାର୍ଷିକୀ ନିଜ ଗ୍ରାମ ସୁଡୁରା ଗ୍ରାମରେ ପାଳନ ହୋଇଯାଇଛି। ବନ୍ଧୁ ବର୍ଗଙ୍କ ସମେତ ବହୁ ଅଞ୍ଚଳବାସୀ ଏହି କାର୍ଯ୍ୟକ୍ରମରେ ଯୋଗ ପରିବାର ଲୋକଙ୍କୁ ସମବେଦନା ଜଣାଇଥିଲେ। ଦିବଙ୍ଗତ ବିଧାୟକ ସାହୁରା ୧୯୭୪,୧୯୮୦ ଓ ୧୯୯୫ ସାଧାରଣ ନିର୍ବାଚନରେ କଂଗ୍ରେସରୁ ତିନିଥର ଟିକଟ ପାଇ ବିପୁଳ ଭୋଟରେ ବିଜୟୀ ହୋଇଥିଲେ। ୨୦୧୯ରେ ସେ ବାର୍ଦ୍ଧକ୍ୟ ଜନିତ ରୋଗରେ ପିଡୀତ ହୋଇ ପରଲୋକ ଗମନ କରିଥିଲେ।

# ମାନସିକ ବିକାରଗ୍ରସ୍ତ ମହିଳାଙ୍କୁ ସହାୟତା ଦାବି

**କବିସୂର୍ଯ୍ୟନଗର,୨୩।୮**

କବିସୂର୍ଯ୍ୟନଗର ଆଠଗଡ଼ ପାଟଣାରୁ ଗତ ୧୭ରେ ଜଣେ ମାନସିକ ବିକାରଗ୍ରସ୍ତ ମହିଳା ଉଦ୍ଧାର ହୋଇଥିଲେ। ସେ ହେଲେ ହିଞ୍ଜିଳି ବ୍ଲକ ରାଳବ ପଞ୍ଚାୟତ ସ୍ୱର୍ଗତପୁର ଖୁଣ୍ଟିଆଙ୍କ ସାନ ଝିଅ ସୁଜାତା। ତାଙ୍କର ପୁରୁଷୋତ୍ତମପୁର ବ୍ଲକ ଜାମୁନୀ ପଞ୍ଚାୟତର ବୁରୁଡୁଲୁ ଗାଁରେ ବାହାଘର ହୋଇଥିଲା। ପ୍ରାୟ ୩ ବର୍ଷ ପୂର୍ବରୁ ସୁଜାତାଙ୍କ ସ୍ୱାମୀଙ୍କ ପରଲୋକ ଘଟିଛି। ତାଙ୍କର ଦୁଇଟି ଝିଅ ଅଛନ୍ତି। ସୁଜାତାଙ୍କ ସ୍ୱାମୀଙ୍କ ମୃତ୍ୟୁ ପରେ ଶ୍ୱଶୁର ତାଙ୍କୁ ନିର୍ଯାତନା ଦେଉଥିଲେ। ପରେ ଏକ କାଠଫାଳିଆରେ ସୁଜାତାଙ୍କ ମୁଣ୍ଡକୁ ଆକ୍ରମଣ କରିବାରୁ ତାଙ୍କର ସ୍ମୃତିଶକ୍ତି ଚାଲିଯାଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସେବେଠାରୁ ସେ ମାନସିକ ବିକାରଗ୍ରସ୍ତ ହୋଇ ଏଣେତେଣେ ବୁଲୁଛନ୍ତି। ଏଥିସହ ସୁଜାତାଙ୍କ ଦୁଇ ଝିଅଙ୍କୁ ଶ୍ୱଶୁର କୌଣସି ଅନାଥ ଆଶ୍ରମରେ ଛାଡିଦେଇଥିବା ଶୁଣିବାକୁ ମିଳୁଛି। ବର୍ତ୍ତମାନ ହିଞ୍ଜିଳି ବ୍ଲକର ଏହି ପୀଡ଼ିତା ସମ୍ପୂର୍ଣ୍ଣ ବେସାହାରା ହୋଇ କବିସୂର୍ଯ୍ୟନଗର ବ୍ଲକ ଅନ୍ତର୍ଗତ ଆଠଗଡ ପଞ୍ଚାୟତରେ ଦୁଇ ମାସ ହେଲା ରହି ଆସୁଥିଲେ। ହିଞ୍ଜିଳି ବ୍ଲକର ଶାସନଆମ୍ବଗାଁ ପଞ୍ଚାୟତର ଜଣେ ସାମାଜିକ କର୍ମୀ ଶର୍ମିଳା ରାଉଳଙ୍କର ଏହି ଘଟଣା ଦୃଷ୍ଟିକୁ ଆସିଥିଲା। ତେଣୁ ସେ ମୁଖ୍ୟମନ୍ତ୍ରୀଙ୍କ ସମ୍ମାନ ରକ୍ଷା କରିବା ପାଇଁ ସ୍ଥାନୀୟ ବ୍ଲକ ସିଡିପିଓ ଓ ବିଡିଓଙ୍କୁ ଜଣାଇଥିଲେ। ତେଣୁ ସେମାନଙ୍କ ପରାମର୍ଶ ଅନୁଯାୟୀ ସାମାଜିକ କର୍ମୀ ଭାରତୀ ସ୍ୱାଇଁଙ୍କ ସହ ଗତ ୧୭ରେ ଆଠଗଡ଼ ପାଟଣାରୁ ନିରୀହ ପୀଡ଼ିତାଙ୍କୁ ଉଦ୍ଧାର କରିଥିଲେ। ତେବେ ସରକାରଙ୍କ ତରଫରୁ ଆନୁଷଙ୍ଗିକ ସହାୟତା ମିଳିଲେ ମହିଳାଙ୍କ ଉପଯୁକ୍ତ ଚିକିତ୍ସା କରାଯାଇ ସେ ସୁସ୍ଥ ହୋଇପାରିବେ। ଏଥିସହ ବିଧବା ପୀଡ଼ିତାଙ୍କୁ ଦିଆଯାଉଥିବା ନିର୍ଯାତନାର ତଦନ୍ତ କରିବାକୁ ସାଧାରଣରେ ଦାବି ହେଉଛି।


ପିଡ଼ୀତା ସୁଜାତା ଖୁଣ୍ଟିଆ

# ଅନାଥ ଶିଶୁଙ୍କୁ ରାଶନ ସାମଗ୍ରୀ ବଣ୍ଟନ




**ପାରଳାଖେମୁଣ୍ଡି,୨୩।୮(ଡି.ଏନ୍.ଏ.)**

ଗଜପତି ଜିଲାପାଳ ଲିଙ୍ଗରାଜ ପଣ୍ଡା ଶନିବାର ଜିଲାରେ ଥିବା ଶିଶୁ ଯତ୍ନ ଓ ସୁରକ୍ଷା ଅନୁଷ୍ଠାନ ଗୁଡ଼ିକର ଅନାଥ ଶିଶୁ ମାନଙ୍କୁ ରାଶନ ସାମଗ୍ରୀ ବଣ୍ଟନ କରିଛନ୍ତି। ଗଜପତି ଜିଲାରେ ୭ ଶିଶୁ ଯତ୍ନ ଓ ସୁରକ୍ଷା ଅନୁଷ୍ଠାନ କାମ କରୁଛି। ସେଥିରୁ ଦୁଇଟି ଅନୁଷ୍ଠାନକୁ ସରକାରଙ୍କ ସହାୟକ ଅନୁଦାନ ମିଳେ। ଅନ୍ୟ ୫ ଅନୁଷ୍ଠାନ ବିଭିନ୍ନ ବ୍ୟକ୍ତି ବିଶେଷ ଏବଂ ଅନୁଷ୍ଠାନ ଗୁଡ଼ିକଙ୍କଠାରୁ ଦାନ ଗ୍ରହଣ କରିଥାନ୍ତି। ଏହିଭଳି ଦୁଇଟି ଅନୁଷ୍ଠାନ ଯଥା ବିବେକାନନ୍ଦ ରେସିଡେନ୍ସିଆଲ ସ୍କୁଲ, ଏସ. ଉରୁଡ଼ା, ଗୋଷାଣୀ ଏବଂ ପ୍ରାଉଡ଼, ବି.ସୀତାପୁର, ଗୋଷାଣୀର ଅନାଥ ଶିଶୁ ପ୍ରାୟ ୫୦ ଜଣଙ୍କୁ ଏକ ମାସର ରାଶନ ସାମଗ୍ରୀ ଜିଲାପାଳ ବଣ୍ଟନ କରିଛନ୍ତି। ଏହି ସାମଗ୍ରୀ ଗଜପତି ଜିଲାର ଏକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ନିସାନ, ଗୁମ୍ମା ଦ୍ୱାରା ଯୋଗାଇ ଦିଆଯାଇଥିଲା। ବଣ୍ଟନ କାର୍ଯ୍ୟକ୍ରମରେ ନିସାନର ସମ୍ପାଦିକା ସଞ୍ଜୁପ୍ରଭା ପାଣି ଏବଂ ଜିଲା ଶିଶୁ ସୁରକ୍ଷା ଅଧିକାରୀ ଅରୁଣ କୁମାର ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।

# ବୁଗୁଡ଼ା ବନାଞ୍ଚଳରେ ୨୧ ହାତୀ, ଚିନ୍ତାରେ ବନବିଭାଗ

**ବୁଗୁଡ଼ା,୨୩।୮(ଡି.ଏନ.ଏ.)**



ବୁଗୁଡ଼ା ବୁଗୁଡ଼ା ବନାଞ୍ଚଳରେ ବର୍ତ୍ତମାନ ୨୧ ଟିକିଆ ହାତୀପଲ ପ୍ରବେଶ କରିଛନ୍ତି। ଏହି ହାତୀପଲ ଦୁଇଟି ଭାଗରେ ବିଭକ୍ତ ହୋଇଥିବା ଜଣାପଡିଛି। ଗୋଟିଏ ଦଳ ଭଗବାନପୁର ସେକ୍ସନ ଅନ୍ତର୍ଗତ ନୂଆଁପଲ୍ଲୀ ବିଟର କାକୁଡ଼ି ଆମ୍ବଠାରେ ରହିଛନ୍ତି। ଏହି ଦଳରେ ୨ ଦନ୍ତା, ୫ ମାଈ ଓ ୪ ଛୁଆ ହାତୀଥିବା ବେଳେ ପଞ୍ଚଭୂତି ସେକ୍ସନ କରଚୁଲି ବିଟର ଘାଟିଖୋଲଠାରେ ଗୋଟିଏ ଦନ୍ତା, ୬ ମାଈ ଓ ୩ ପିଲା ହାତୀ ଥିବା ବୁଗୁଡ଼ା ରେଞ୍ଜର ଫକୀର ଚରଣ ବେହେରା ସୂଚନା ଦେଇଛନ୍ତି। ଏହି ହାତୀପଲ ଆଖପାଖ ଅଞ୍ଚଳର ଧାନକିଆରି ଦଳି ନଷ୍ଟ କରି କଦଳୀ ବଗିଚାରେ ପଶି ବ୍ୟାପକ ନଷ୍ଟ କରୁଥିବା ଅଭିଯୋଗ ହୋଇଛି। କିଛି ଦିନ ତଳେ ତାକରଡ଼ା ଗ୍ରାମର ନାରାୟଣ ପ୍ରଧାନଙ୍କ କିଆରିରେ ପଶି ୧୦ ଭରଣର ବାଇଗଣ ତଳି ଓ ୩ ଭରଣର କଞ୍ଚାଲଙ୍କା ତଳି ନଷ୍ଟ କରିଦେଇଥିବା ବେଳେ ଚାଷୀ ନୀଳାଚଳ ପ୍ରଧାନଙ୍କ ଦଶ ଭରଣର ମକା କିଆରିରେ ଫସଲ ନଷ୍ଟ କରିଥିଲେ। କିଛି ଦିନ ତଳେ ହାତୀ ଆକ୍ରମଣରେ ବୁଗୁଡ଼ା ଥାନା ଅନ୍ତର୍ଗତ ଅରଖପୁର ଗ୍ରାମର ସୁଶାନ୍ତ ଦଳେଇ ଓ ମନୋଜ ପ୍ରଧାନ ଆହତ ହୋଇଥିଲେ। ପୂର୍ବରୁ ଏବର୍ଷ ଜାନୁୟାରୀ ୩ରେ ବୁଗୁଡ଼ା ବନାଞ୍ଚଳର ନୂଆପଲ୍ଲୀ ବିଟରେ ବନରକ୍ଷୀ ମୁନା ଦାଶ ଏବଂ ରାମପାଦ ମନ୍ଦିରର ବାବା ଚୈତନ୍ୟ ମହାରାଜ ହାତୀ ଆକ୍ରମଣର ଶିକାର ହୋଇଥିଲା ବେଳେ ଗତବର୍ଷ ସେପ୍ଟେମ୍ବର ୨୧ ତାରିଖ ରାତିରେ ଜେଏକ ଗ୍ରାମର ଜନୈକ ବୃଦ୍ଧ ଚାଷୀ ସଂସାରୀ ପ୍ରଧାନଙ୍କୁ ଦନ୍ତାହାତୀ କଚାଡ଼ି ଦେବା ଫଳରେ ସେ ଗୁରୁତର ଆହତ ହୋଇଥିଲେ। ବନାଞ୍ଚଳକୁ ପ୍ରବେଶ କରିଥିବା ହାତୀପଲ ଉପରେ ବିଭାଗ ପକ୍ଷରୁ ତୀକ୍ଷ୍ଣ ନଜର ରଖାଯାଇଥିବା ଏବଂ ହାତୀ ଯେମିତି ଜନବସତି ଅଞ୍ଚଳରେ ପ୍ରବେଶ ନ କରନ୍ତି, ସେଥିପାଇଁ ୩୦ ଜଣ ବନ କର୍ମଚାରୀଙ୍କୁ ନିୟୋଜିତ କରାଯାଇଥିବା ବନାଞ୍ଚଳ ଅଧିକାରୀ ଫକୀର ଚରଣ ବେହେରା ସୂଚନା ଦେଇଛନ୍ତି।

